# ତହସିଲଦାରଙ୍କ କାର୍ଯ୍ୟାଳୟ,ପାଟଣା, ଜିଲ୍ଲା- କେନ୍ଦୁଝର

## ବିଜ୍ଞାପନ

ସଂଖ୍ୟା ୧୩ /ତାରିଖ ୦୩.୦୧.୨୦୨୨

## ଲଘୁଖଣିଜ ଉତ୍ସ ର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟପରିଚାଳନା ବିଭାଗ ଅଧିନସ୍ତ ପାଟଣା ତହସିଲ ଅନ୍ତର୍ଗତ ଅନୁସୂଚି-୧ ରେ ପ୍ରଦତ୍ତ ସୈରାତ ଉତ୍ସ (ଲଘୁଖଣିଜ ଦ୍ରବ୍ୟ) କୁ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଲିଜ ରେଅଂଶ ଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ , ଉକ୍ତ ଉତ୍ସ କୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନା ଗମନ ର ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଅନୁସଙ୍ଗିକ ସୁବିଧା ସୁଯୋଗ ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବାଆବଶ୍ୟକ । ଲିଜ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ, ତଥା କୌଣସି ପ୍ରାକୃତିକବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହି । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -2016(OMMC Rules -2016) ରେ ବର୍ଣ୍ଣିତ ଫର୍ମ -ଏମ (Form-M) ତିନିକିତା ପୂରଣ କରି ତତ ସହିତ ଆବଶ୍ୟକୀୟ ଦସ୍ତାବିଜସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟ ରେ ଉଦ୍ଦିଷ୍ଟ Tender Drop Box ରେ ଆସନ୍ତା ତା ୧୫-୦୧-୨୦୨୨ ରିଖ ଠାରୁ ତା ୧୪-୦୨- ୨୦୨୨ ରିଖ ମଧ୍ୟରେ କାର୍ଯ୍ୟ ଦିବସର ସକାଳ ଘ ୧୦.୦୦ ଟିକା ଠାରୁ ଘ ୫.୩୦ଟିକା ମଧରେ ଏବଂ୧୫-୦୨- ୨୦୨୨ ଅପରାହ୍ଣ ଘ.୩.00 ଟିକା ମଧରେ ପକାଇବା ଆବଶ୍ୟକ । ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଲଫାପା ଉପରେ ଦରଖାସ୍ତ କରୁଥିବା ସୈରାତ ଉତ୍ସର ନାମ ଏବଂଦରଖାସ୍ତ କାରୀଙ୍କ ନାମ, ଠିକଣା ଯୋଗାଯୋଗ ନମ୍ବର ଲେଖିବା ଆବଶ୍ୟକ । ତା ୧୫-୦୨- ୨୦୨୨ ରିଖ ଦିବା ଘ ୪.୦୦ ସମୟରେ ପାଟଣା ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିବା ଦରଖାସ୍ତ ଗୁଡିକୁ ଲିଜ ବରଖାସ୍ତକାରୀ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କଉପସ୍ଥିତିରେ ତନଖି କରାଯିବ ଏବଂ OMMC Rules-2016 ଏବଂ OMMC (Amendment Rule - 2018)ଅନୁଯାୟୀ ସମସ୍ତ ସର୍ତ୍ତାବଳୀପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖକରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ, ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ। ଯଦି ଉପରୋକ୍ତ ଦିବସରେ କୌଣସି କାରଣରୁ ନିଲାମ ନ ହୋଇପାରେ। ତେବେ ୧୬-୦୨- ୨୦୨୨ ରିଖ ଠାରୁ ତା୧୫-୦୩- ୨୦୨୨ ରିଖ ଅପରାହ୍ଣ ଘ ୦୩.୦୦ ପର୍ଯ୍ୟନ୍ତ ପୁନର୍ବାର ଦରଖାସ୍ତ ଗ୍ରହଣ କରାଯାଇ ତା ୧୫-୦୩- ୨୦୨୨ ରିଖ ଅପରାହ୍ଣ ଘ୦୪.୦୦ ଟିକା ରେ ପାଟଣା ତହସିଲ କାର୍ଯ୍ୟାଳୟରେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜଧାରୀ ଚୟନ କରାଯିବ । ୨ୟ ଥର ଅସଫଳ ହେଲେ ତା ୧୬-୦୩- ୨୦୨୨ ରିଖ ଠାରୁ ତା ୧୫-୦୪- ୨୦୨୨ ରିଖ ଅପରାହ୍ଣ ଘ ୦୩.୦୦ ପର୍ଯ୍ୟନ୍ତ ଟେଣ୍ଡର ଗ୍ରହଣକରାଯାଇ ତା ୧୫-୦୪- ୨୦୨୨ ରିଖ ଅପରାହ୍ଣ ଘ ୪.୦୦ ଟିକାରେ ଲିଜ ଧାରୀ ଚୟନ କରାଯିବ । ଟେଣ୍ଡର ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରେ (ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ ବିବରଣୀ ଜିଲ୍ଲା ୱେବସାଇଟ www.kendujhar.nic.in tender link ରେ ଉପଲବ୍ଧ ହେବ । କୌଣସି କାରଣ ନ ଦର୍ଶାଇ ଲିଜ ସ୍ଥଗିତ / ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଓ ଜିଲ୍ଲାପାଳଙ୍କର ରହିଅଛି ।

03.01.2022

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ପାଟଣା ତହସିଲ

Tahasildar
Patna

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

1. OMMC Rules-2016 ରେ ପ୍ରଦତ୍ତ ଫର୍ମ୍ଂଏମ (Form - M) ନିର୍ଭୁଲ ଭାବରେ ସ୍ପଷ୍ଟ ପୂରଣ କରି, ଦରଖାସ୍ତକାରୀଙ୍କ ସ୍ୱାକ୍ଷର ଥାଇ ଦାଖଲ କରିବା ଆବଶ୍ୟକ । (ତିନିକିତା (3 copies))
2. ଦରଖାସ୍ତ ପାଉଣା ବାବଦକୁ ଟ ୧,୦୦୦ (ଏକ ହଜାର ଟଙ୍କା) ମାତ୍ର treasury challan (Head of Account-0853- Non Ferrous Mining and metallurgical industries-102 Mineral Concession Fees Rents and Royalties) ଦାଖଲ କରିବେ | ଏହି ଦରଖାସ୍ତ ବାବଦ ପାଉଣା ଫେରସ୍ତ କରାଯିବ ନାହିଁ |
3. ଦରଖାସ୍ତକାରୀଙ୍କ ନାମେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ କିମ୍ବା ରାଜସ୍ୱ ଦେୟ ବକେୟା ନଥିବା ଦର୍ଶାଇଏକ ସତ୍ୟପାଠ (Affidavit) ଦାଖଲ କରିବା ଆବଶ୍ୟକ |
4. ଅମାନତ ରାଶି ବା ଇଏମଡ଼ି (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ (DemandDraftin favour of Tahsildar, Patna ) ଯାହାର ପରିମାଣ, ବାର୍ଷିକସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ)ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲିଟି ର ଶତକଡା (୫%) ଭାଗଦରଖାସ୍ତ ସହ ସଂଲଗ୍ନ କରିବେ

   [{EMD=5%of {MinimumGuaranteedQuantityX(Royalty+Addl. Charge)} ]
5. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ବା ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବାବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) ଯାହାର ସର୍ବନିମ୍ନ ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ (MGQ) ଅନୁସାରେ ଅନୁସୂଚି -୧ ରେ ପ୍ରଦତ୍ତ ରୟାଲିଟି (Royalty) ଓ ଆବେଦନ କାରୀ ଦରଖାସ୍ତରେ ଦର୍ଶଯାଇଥିବାଅତିରିକ୍ତ ଦେୟ (Additional Charge) ମୂଲ୍ୟ ଠାରୁ କମ ହୋଇନଥିବା ଏବଂ ଏଥିସହିତ ଅନ୍ୟାନ୍ୟ ସ୍ଥାବରସମ୍ପତି(Immovable Property) ର ବିବରଣୀ ପ୍ରଦାନ କରିବେ। [Requisite Extent of Solvency/ Bank Guarantee = Minimum Guaranteed Quantity X (Offered Additional Charge + Royalty)]
6. ପ୍ରସ୍ତାବିତ ସୈରାତ ଉତ୍ସର ର ତଫସିଲ ସହ ଚୌହଦି ର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।
7. ସୈରାତ ଉତ୍ସ ସଂଲଗ୍ନ କୌଣସି ରୟତି ସତ୍ତ୍ୱ ରାସ୍ତା କିମ୍ବା ଜମି ରହିଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ଥିବା ଦସ୍ତାବିଜ ପଇଠ କରିବେ ।
8. ଗତ ବର୍ଷର ଆୟକର ଦାଖଲ ବିବରଣୀ ( IT Return file)ପାନ କାର୍ଡ ଏବଂ ପରିଚୟ ପତ୍ରର ନକଲ ସଂଲଗ୍ନ କରିବେ |
9. ଆବଦେନ କରୁଥିବା ଉତ୍ସ କୁ ଧାର୍ଯ୍ୟ ଅତିରିକ୍ତ ଦେୟ ତୁଳନାରେ , କେତେ ଅତିରିକ୍ତ ଦେୟରେ ନେବାପାଇଁ ଚାହୁଁଛନ୍ତି ତାହାଉଲ୍ଲେଖ କରିବେ ।
10. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ ଦକ୍ଷତା, ଉପଲବ୍ଧ ଥିବା ଯନ୍ତ୍ରପାତି, ବ୍ୟବହୃତ ହେବାକୁ ଥିବା ଯାନ ଏବଂ ପରିବହନ ବ୍ୟବସ୍ଥା ବାବଦରେ ତଥ୍ୟ ପ୍ରଦାନ କରିବେ ।
11. ଦରଖାସ୍ତକାରୀ ଲଫାପାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂଦରଖାସ୍ତକାରୀ ଙ୍କ ନାମ, ସମ୍ପୂର୍ଣ୍ଣ ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ

03.01.2022

# ଚୟନ ପ୍ରକ୍ରିୟା

ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରୁ ବିଜ୍ଞାପନ ସର୍ତ୍ତାବଳୀ ପୂରଣ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ଦେୟ( Additional Charge ) ଦର୍ଶାଉଥିବା ଆବେଦନକାରୀଙ୍କୁ ସର୍ବୋଚ୍ଚ ନିଲାମଧାରୀ ଭାବେ ଯୋଗ୍ୟ ବିବେଚିତ କରାଯିବ ।ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ରୟାଲିଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି ତେବେ ଲଟେରୀ ମାଧ୍ୟମରେ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

## ସର୍ତ୍ତାବଳୀ

1. ଆବେଦନ କାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ (OMMC Rules-2016) ଓ ଓଡିଶା ଲଘୁ ଖଣିଜଦ୍ରବ୍ୟ ରିହାତି (ସଂଶୋଧନ) ଆଇନ- ୨୦୧୮ (OMMC Amendment Rules-2018) (Manual of Tahasil Accounts ର ପରିସର ଭୁକ୍ତ ରହିବେ.
2. ଯୋଗ୍ୟ ବିବେଚିତ ଆବେଦନ କାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଧାରିତ ଫର୍ମ( F )ରେ ଜଣାଇ ଦିଆଯିବ। ସୂଚନା ପାଇବାର ୧୫ ଦିନମଧ୍ୟରେ ମନୋନୀତ ଆବେଦନ କାରୀ ସର୍ତ୍ତାବଳୀର ସମ୍ମତିପ୍ରଦାନ କରିବେ ଏବଂ ତତ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତଦେୟ ଓ ରୟାଲଟି ପରିମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ Earnest Money କୁବାଦ ଦେଇ ବକାଥିବା ରାଶି ଜମା କରିବେ । ଯାହାକି ବିନା ସୁଧରେ ଅମାନତ ଆକାରରେ ରହିବ । ଯଦି ମନୋନୀତବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନ କରନ୍ତି, ତେବେ ୨ୟ ସର୍ବାଧିକ ନିଲାମ ଧାରୀଙ୍କସୁଯୋଗ ଦିଆଯିବ ।
3. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣି ଖଦାନର ପରିଦର୍ଶନ କରି ସୈରାତ ପରିଚାଳନା ପାଇଁଗମନା ଗମନ ର ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ସମ୍ପର୍କ ରେ ପର୍ଯ୍ୟବେକ୍ଷଣକରିବା ପରେ ଲିଜ ରେ ଅଂଶ ଗ୍ରହଣ କରିବେ । ନିଲାମ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣହେବନାହିଁ, କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହି ।
4. ଲିଜ ନିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ
5. ଲିଜ ଧାରି (OMMC Rules-2016) ଓ (ସଂଶୋଧନ) ଆଇନ- ୨୦୧୮ (OMMC Amendment Rules-2018 ର ସମସ୍ତ ସର୍ତ୍ତାବଳୀ ପାଳନ କରିବାକୁ ବାଧ୍ୟ । ଯଦି ନିଲାମଧାରୀ / ଲିଜଧାରୀ ବର୍ଷର ଦେୟ ଦେବାରେ ଖିଲାପ କରନ୍ତି, ତେବେ OMMC Rule ଅନୁଯାୟୀ ତାଙ୍କର ଚୁକ୍ତି ଅନୁମତି ପତ୍ର ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି ।
6. ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଓଡିଶା ଲଘୁ ଖଣିଜ ରିହାତି ନିୟମ ( ସଂଶୋଧିତ) ୨୦୧୮ ଧାରା ୨ ଅନୁଯାୟୀ "" anyholder of lease granted, where the mineral is required for captive use, shall have the right of first refusal at the time of auction held for such lease".
7. **ପଥର ଖଣି ପାଇଁ ସର୍ବ ନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଘନ ମିଟର ପ୍ରତି ୧୩୦.୦୦ ଟଙ୍କା ଓ ସର୍ବନିମ୍ନ ଅତିରିକ୍ତ ଦେୟମୂଲ୍ୟଘନ ମିଟର ପ୍ରତି ୪୦.୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।**

03.01.2022

8. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବ ନିମ୍ନ ଅତିରିକ୍ତ ଦେୟ (Minimum Additional Charge )ଠାରୁ କମଦରରେ ଦରଖାସ୍ତ କରିଥବା ବ୍ୟକ୍ତି କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀ ଙ୍କ ଦରଖାସ୍ତଖାରଜ କରି ଦିଆଯିବ ।

9. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ (୧) ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ ଉକ୍ତ ଦିନନିଲାମ କରାଯିବ ନାହିଁ । ବିଜ୍ଞାପନ ରେ ଉଲେଖିତ ପରବର୍ତ୍ତୀ ତାରିଖରେ ନିଲାମ କାର୍ଯ୍ୟ ସମ୍ପାଦିତ କରାଯିବ ।

10. ଲିଜଧାରୀ Mines Act-1952 ଓ Explosive Act-1884 ର ସମସ୍ତ ନିୟମ ଓ ନିୟମାବଳୀର ପରିସରଭୁକ୍ତ ରହିବେ ।

11. ଲିଜଧାରୀ ଙ୍କୁ ଜମା ଦେୟ ଯଥା Royalty, Dead Rent, surface Rend, Additional charge, DMF ତଥା ଅନ୍ୟାନ୍ୟ ଦେୟର ୨% ଆୟକର (TDS) ବାବଦକୁ ଚାଲାଣ ଆକାରରେ ଏବଂ ୧୦% ଜିଲ୍ଲା ଖଣିଜ ପାଣ୍ଠି(DMF) ଓ ଶତକଡା ୫% ପରିବେଶ ପରିଚାଳନା ପାଣ୍ଠି (EMF) ଧାର୍ଯ୍ୟ ମୂଲ୍ୟନିର୍ଧାରିତ ଦେୟ ପଇଠ କରିବାକୁପଡିବ ।

12. ଯଦି ଯୋଗ୍ୟ ବିବେଚିତ ବ୍ୟକ୍ତି ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

13. ଲିଜ ଚୁକ୍ତି ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧରେ ଯଦି ଓଡିଶା ସରକାରଙ୍କ ଦ୍ଵାରା ସ୍ଥିରୀକୃତ ଅନୁସୂଚି-୨(Schedule-II) ରେ ଉଲିଖ୍ତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତା' ହେଲେ ଲିଜଧାରୀ ବର୍ଦ୍ଧିତ ଦର ଅନୁଯାୟୀରୟାଲଟି ଦର ବୃଦ୍ଧି ତାରିଖ ଠାରୁ ପଇଠ କରିବେ । ଯଦି ଚୁକ୍ତି ପତ୍ର ସମ୍ପାଦନା ଅବଧ ଭିତରେ କୌଣସି ବୃଦ୍ଧି ଘଟିଥାଏତେବେ ଏହା ତାଙ୍କ ପାଇଁ ମଧ ଲାଗୁ ହେବ ।

14. ଯଦି ଏହି ସୈରାତ ଉତ୍ସର Mining Plan ଓ ଅନୁମୋଦନ ପରିବେଶ ମଞ୍ଜୁରୀ (Environmental clearance )କ୍ଷମତାପନ୍ନ ଅଧିକାରୀଙ୍କ ଦ୍ଵାରା ସମ୍ପନ୍ନ କରାଯାଇଥାଏ ତେବେ ଉକ୍ତ ଖର୍ଚ୍ଚ ରାଶି ଲିଜ ଧାରୀ ବହନ କରିବେ। ଯଦି ଏହି କାର୍ଯ୍ୟ କରାଯାଇନଥାଏ ତେବେ ଲିଜଧାରୀ ଅନୁମୋଦନ କରାଇ ପରିବେଶ ମଞ୍ଜୁରୀ ପ୍ରାପ୍ତ (E.C) ଓ ଲିଜ ରାଜିନାମା (Lease deed) ପରେ ଉତ୍ସ ପରିଚାଳନାକରିବାକୁ ଯୋଗ୍ୟ ହେବେ। ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟବିଜ୍ଞପ୍ତି ସଂଖ୍ୟା ଏସଓ 1533/Dtd. 14. 09. 2006 ଅନୁଯାୟୀ ଉତ୍ସପରିଚାଳନା ପାଇଁ ବାଧତାମୂଳକ ଅଟେ |

15. ଲିଜ ପ୍ରଦାନ ପରେ ସୈରାତ ଉତ୍ସ ର କ୍ଷେତ୍ର ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

16. ସର୍ବୋଚ୍ଚ ଦରରେ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମାକରିବାପରେ ବା ଲିଜ ଚୁକ୍ତିନାମା ସମ୍ପାଦନା କରିବାପରେ ମୃତ୍ୟୁ ବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧଙ୍କ ଦ୍ଵାରା ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ।

17. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ଵାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ତିଆରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନାଉଲ୍ଲେଖ କରିବେ। ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜଧାରୀ ନିଜ ଖର୍ଚ୍ଚରେ କରିବେ। ଲିଜଧାରୀ ନିଜ ଦାଇତ୍ୱରେ ପରିବହନପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

03.01.2022

18. Mining Plan ରେ ଦର୍ଶା ଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରାଦର୍ଶା ଯାଇଥିବା ଦେୟ { Minimum Guaranteed Quantity X (Royalty +Addl. Charge)} ତାହାସହ ଅନ୍ୟାନ୍ୟ ସରକାରୀ ଦେୟ Environment Clearance ଆଣି ସାରିଲା ପରେ ପଇଠ କରିବେ। ସଂପୂର୍ଣ୍ଣ ରାଶିପଇଠ ହେଲା ପରେ ଲିଜଧାରୀ Odisha Registration Act. - 1908 & Stamp Act.- 1899 ଅନୁଯାୟୀଆବଶ୍ୟକ ଚୁକ୍ତିପତ୍ର (Lease Deed) ନିଜ ଖର୍ଚ୍ଚରେ ସମ୍ପାଦନ କରିବେ। ତଥା ଖଣି ପରିଚାଳନା ପାଇଁ Pollution Control Board ଙ୍କ ଠାରୁ CTO & CTE ନିଜ ଖର୍ଚରେ ଆଣି ଦାଖଲ କରିବେ |

19. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାରଙ୍କ ଧାର୍ଯ୍ୟ କରାଯାଇଥିବା ଏବଂ ଲିଜ ମାଧମରେ ଅନୁବନ୍ଧିତ ଦେୟସମୟ ମଧରେ ପଇଠ କରିବେ, ନଚେତ ଏହା ଲିଜ ସର୍ତ୍ତାବଳୀର ଅବମାନନା ବୋଲି ଧରାଯିବ ଏବଂ ନିୟମାନୁଯାୟୀକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

20. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସ ରୁ ଲଘୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ |

21. ନିଲାମଧାରୀ ଉତ୍ତୋଳିତ ଲଘୁ ଖଣିଜ ଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣକରିପାରିବେ ନାହିଁ ।

22. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧକରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ର ତ୍ରୟମାସିକ ଓ ବାର୍ଷିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

23. ଲିଜର ସମସ୍ତ ସର୍ତାବଳୀ ପାଳନ କରୁଥିବା ଓ ରୟାଲଟି ସହ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବାଆବେଦନକାରୀଙ୍କୁ ଲିଜ ଦିଆଯିବ ।

24. ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ ପରବର୍ତ୍ତୀ ରୟାଲଟି ସହ ସର୍ବାଧିକ ଅତିରିକ୍ତ ଦେୟ ପାଇଁ ଦାଖଲ କରିଥିବା ଆବେଦନକାରୀ ଙ୍କୁ ସୁଯୋଗ ଦିଆଯିବ ।

25. କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବା କ୍ଷମତା କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ, କେନ୍ଦୁଝର ଙ୍କ ରହିଛି |

26. ସମ୍ବାଦ ପତ୍ରରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ନୀଲାମଧାରୀ ବହନ କରିବେ। ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ( ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଏବଂ ଯଦି ଉକ୍ତଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ଅଧିକାରୀଙ୍କର ଅଛି।

27. ନିଲାମ ନିମନ୍ତେ ସମସ୍ତ ସର୍ତାବଳୀ ତହସିଲ କାର୍ଯ୍ୟାଳୟ ରେ (ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହିସମ୍ବନ୍ଧୀୟ ସମ୍ପୂର୍ଣ ବିବରଣୀ ଜିଲ୍ଲା ୱେବସାଇଟwww.kendujhar.nic.in/tender link ରେ ଉପଲବ୍ଧ ହେବ |

13.01.2022

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,ପାଟଣା

**Tahasildar**
Patna

# ଅନୁସୂଚି-୧

## ଉତ୍ସର ବିବରଣୀ

| କ୍ରମିକସଂଖ୍ୟା | ଉତ୍ସ ର ନାମ | ମୌଜା ର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ | ରୟାଲଟି | ସର୍ବନିମ୍ନ ଅତିରିକ୍ତ ଦେୟ | EMD |
|---|---|---|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 | 08 | 09 | 10 |
| 01 | JAMUNAPOSI STONE QUARRY | JAMUNAPOSI | 211 | 2658 | 2.50 | 954 | 130.00 | 40.00 | 8109.00 |
| 02 | NUAKHAMAN STONE QUARRY | NUAKHAMAN | 150 | 329 | 8.40 | 8064 | 130.00 | 40.00 | 68544.00 |

03.01.2022

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ପାଟଣା ତହସିଲ

Tahasildar
Patna